# NATIONAL NEWS BULLETIN (ODIA)

## 2 October - 2023

## Mid Bulletin : 1.50 p.m.

- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ଅବସରରେ ଦେଶ ଆଜି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଚିତ୍ତୋରଗଡଠାରେ ୭ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଛତିଶଗଡ ଓ ତେଲେଙ୍ଗାନା ଗସ୍ତ କରିବେ ।

- ଡୋମିନିକାନ ରିପବ୍ଲିକ ଉପରାଷ୍ଟ୍ରପତି ରାକେଲ ପେନ୍ନା ରୋଡ୍ରିଗେଜ୍ ଆସନ୍ତକାଲି ଠାରୁ ୫ ତାରିଖ ମଧ୍ୟରେ ଭାରତ ଗସ୍ତରେ ଆସିବେ ।

ଏବଂ

- ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ଭାରତ ଆଜି ୩ଟି ବ୍ରୋଞ୍ଜ ପଦକ ହାସଲ କରିଛି ।

# ଗାନ୍ଧୀ ଜୟନ୍ତୀ

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୪ତମ ଜୟନ୍ତୀ ଅବସରରେ ଦେଶ ଆଜି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ଏହି ଉପଲକ୍ଷେ

ସମଗ୍ର ଦେଶରେ ଓ ବିଦେଶରେ ଥିବା ଭାରତୀୟ ଦୂତାବାସ ଗୁଡ଼ିକରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ନୂଆଦିଲ୍ଲୀର ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାନ୍ଧୀଜୀଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ, ଜିତେନ୍ଦ୍ର ସିଂହ ଓ ମିନାକ୍ଷୀ ଲେଖି, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗାନ୍ଧୀଜୀଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ବାର୍ତ୍ତାରେ କହିଛନ୍ତି ଗାନ୍ଧୀଜୀଙ୍କର ସତ୍ୟ ଓ ଅହିଂସାର ବାର୍ତ୍ତା ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ଦେଇଥିଲା । ସେ କହିଛନ୍ତି ମହାତ୍ମା ଗାନ୍ଧୀ ତାଙ୍କର ଜୀବନକାଳରେ ଅହିଂସା ପାଇଁ ସଂଗ୍ରାମ କରିଥିବାବେଳେ ସ୍ୱଚ୍ଛତା, ମହିଳାମାନଙ୍କ କ୍ଷମତାପନ୍ନ, ଆତ୍ମନିର୍ଭରଶୀଳତା, କୃଷକମାନଙ୍କର ଅଧିକାର, ଅସ୍ପୃଶ୍ୟତା, ସାମାଜିକ ପକ୍ଷପାତ ଓ ନିରକ୍ଷରତା ବିରୁଦ୍ଧରେ ଲଢ଼ିଥିଲେ । ରାଷ୍ଟ୍ରପତି କହିଛନ୍ତି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାକୁ ଗାନ୍ଧୀଜୀ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲେ ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ଗାନ୍ଧୀଜୀଙ୍କର ସତ୍ୟ ଓ ଅହିଂସାର ବାଣୀ ଭାରତର ସ୍ୱାଧୀନତା ସଂଗ୍ରାମରେ ଦିଗ୍‌ଦର୍ଶନ

ଦେଇଥିଲା । ସେ କହିଛନ୍ତି ସ୍ୱାଧୀନତା ଓ ସମାନତା ପାଇଁ ତାଙ୍କର ଅହରହ ଉଦ୍ୟମ ଭାରତ ସମେତ ସମଗ୍ର ବିଶ୍ୱକୁ ପଥପ୍ରଦର୍ଶନ କରିଥିଲା । ଗାନ୍ଧୀଜୀଙ୍କର ପଦାଙ୍କକୁ ଅନୁସରଣ କରି ଆତ୍ମନିର୍ଭରଶୀଳତା, ସମାଜ କଲ୍ୟାଣ ଓ ସାର୍ବଜନୀନ ଭ୍ରାତୃଭାବର ନୀତିକୁ ଗ୍ରହଣ କରିବାକୁ ସେ ଲୋକମାନଙ୍କୁ ନିବେଦନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ମହାତ୍ମାଗାନ୍ଧୀଙ୍କ ବାଣୀ ସର୍ବଦା ଆମର ଚଳାପଥକୁ ଆଲୋକିତ କରିଚାଲିବ ।  ସେ କହିଛନ୍ତି ଗାନ୍ଧୀଜୀଙ୍କ ନୀତିର ପ୍ରଭାବ ସମଗ୍ର ବିଶ୍ୱ ଉପରେ ରହିଛି ଓ ସମଗ୍ର ମାନବ ଜାତିକୁ ଏକତା ଓ ଦୟାର ବନ୍ଧନରେ ବାନ୍ଧି ରଖିଛି । ଗାନ୍ଧୀଜୀଙ୍କର ଚିନ୍ତାଧାରା ପ୍ରତ୍ୟେକ ଯୁବାଙ୍କୁ ଅନୁପ୍ରାଣିତ କରିବ ବୋଲି ସେ କହିଛନ୍ତି ।

ଦେଶ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ଜୟନ୍ତୀ ପାଳନ କରୁଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲବାହାଦୂର ଶାସ୍ତ୍ରୀଙ୍କ ସମାଧୀରେ ପୁଷ୍ପମାମଲ୍ୟ ଅର୍ପଣ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଲାଲବାହାଦୂର ଶାସ୍ତ୍ରୀଙ୍କର ସରଳ ଜୀବନ, ଉତ୍ସର୍ଗୀକୃତ ଦେଶପ୍ରେମ ଓ ଜୟ ଜବାନ ଜୟ କିଶାନର ବାର୍ତ୍ତା ଆଗାମୀ ପୀଢ଼ିକୁ ଅନୁପ୍ରାଣିତ କରିବ । ସେ କହିଛନ୍ତି ଭାରତର ବିକାଶ ପାଇଁ ତାଙ୍କର ଅବଦାନ ଓ ଦେଶପ୍ରତି ନେତୃତ୍ୱ ସବୁଦିନ ପାଇଁ ଦୃଷ୍ଟାନ୍ତ ହୋଇ ରହିଛି ।

# ରାଜସ୍ଥାନ ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଚିତ୍ତୋରଗଡଠାରେ ୭ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଭଟିଣ୍ଡା-ଗୁରୁଦାସପୁର ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେହି ପ୍ରକଳ୍ପର ନିର୍ମାଣ ବାବଦରେ ୪ହଜାର ୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ପ୍ରଧାନମନ୍ତ୍ରୀ ଅନେକ ରେଳ ପ୍ରକଳ୍ପକୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଚିତ୍ତୋରଗଡ-ନିମୁଚ ରେଳଲାଇନ୍ ଓ କୋଟା-ଚିତ୍ତୋରଗଡ ଇଲେକ୍ଟ୍ରିଫାଏଡ ରେଳଲାଇନ୍ । ପ୍ରଧାନମନ୍ତ୍ରୀ ସ୍ୱଦେଶ ଦର୍ଶନ ଯୋଜନା ଅଧୀନରେ ନାଥଦ୍ୱାରା ପର୍ଯ୍ୟଟନସ୍ଥଳୀକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଅନୁନ୍ନତ ଅଞ୍ଚଳ ଗୁଡ଼ିକର ବିକାଶକୁ ତାଙ୍କ ସରକାର ପ୍ରାଧାନ୍ୟ ଦେଉଛନ୍ତି । ସେ କହିଛନ୍ତି ସରକାର ଅନୁନ୍ନତ ଜିଲ୍ଲାଗୁଡ଼ିକୁ ଚିହ୍ନଟ କରିଛନ୍ତି ଓ ସେଗୁଡ଼ିକରେ ବିକାଶ କାର୍ଯ୍ୟ କରାଯାଉଛି । ସେ କହିଛନ୍ତି ରାଜସ୍ଥାନର ଅନେକ ଜିଲ୍ଲାର ଏହି ଯୋଜନା ଅନୁସାରେ ବିକାଶ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ସରକାର ବର୍ତ୍ତମାନ ଏ ଦିଗରେ ଆଉଏକ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାର

ଅନୁନ୍ନତ ବ୍ଲକ ଗୁଡ଼ିକର ବିକାଶ କରିଛନ୍ତି । ସେ କହିଛନ୍ତି ଗରିବଲୋକମାନଙ୍କ ବିକାଶକୁ ଅଗ୍ରାଧିକାର ଦେବାକୁ ଯାଇ ସରକାର ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ସୀମାନ୍ତ ଗ୍ରାମ ଗୁଡ଼ିକର ବିକାଶ କରାଯାଉଛି ।

## ପିଏମ୍-ଛତିଶଗଡ ଓ ତେଲେଙ୍ଗାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଛତିଶଗଡ ଓ ତେଲେଙ୍ଗାନା ଗସ୍ତ କରିବେ । ଶ୍ରୀ ମୋଦୀ ଏହି ସମୟରେ ଛତିଶଗଡରେ ୨୬ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେ ଏନ୍.ଏମ୍.ଡି.ସି ଷ୍ଟିଲ୍ ଲିମିଟେଡ୍‌ର ଇସ୍ପାତ କାରଖାନାକୁ ବସ୍ତର ଜିଲ୍ଲାର ନଗରନାଗଠାରେ ଉତ୍ସର୍ଗ କରିବେ । ସେହି ଇସ୍ପାତ କାରଖାନା ନୂଆକରି ସ୍ଥାପନ କରାଯାଇଛି ଓ ସେଠାରୁ ଉନ୍ନତମାନର ଇସ୍ପାତ ଉତ୍ପାଦନ ହେବ । ପ୍ରଧାନମନ୍ତ୍ରୀ ଅନ୍ତଗଡ ଓ ତାରୋକି ମଧ୍ୟରେ ଏକ ନୂଆ ରେଳଲାଇନ୍‌କୁ ଉତ୍ସର୍ଗ କରିବେ ଏବଂ ଜଗଦଲପୁର ଓ ଦାନ୍ତେୱାଡା ମଧ୍ୟରେ ରେଳଲାଇନ୍‌ର ଦୋହରୀକରଣକୁ ଉତ୍ସର୍ଗ କରିବେ ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ତେଲେଙ୍ଗାନାର ନିଜାମାବାଦଠାରେ ପହଞ୍ଚି ସେଠାରେ ୮ହଜାର କୋଟି ଟଙ୍କା ମୂଲ୍ୟର ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେହି ପ୍ରକଳ୍ପ ଗୁଡ଼ିକ ବିଦ୍ୟୁତ୍, ରେଳ ଓ

ସ୍ୱାସ୍ଥ୍ୟ କ୍ଷେତ୍ରରୁ ରହିଛି । ସେ ୨୦ଟି କ୍ରିଟିକାଲ କେୟାର ବ୍ଲକର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେଗୁଡ଼ିକ ଆୟୁଷ୍ମାନ ଭାରତ - ସ୍ୱାସ୍ଥ୍ୟ ମୌଳିକ ଢ଼ାଞ୍ଚା ମିଶନ ଅଧୀନରେ ନିର୍ମିତ ହେବ ।

## ଡୋମିନିକ୍ ଭିପି ଭିଜିଟ୍

ଡୋମିନିକାନ ରିପବ୍ଲିକ ଉପରାଷ୍ଟ୍ରପତି ରାକେଲ ପେନ୍ନା ରୋଡ୍ରିଗେଜ୍ ଆସନ୍ତକାଲି ଠାରୁ ୫ ତାରିଖ ମଧ୍ୟରେ ଭାରତ ଗସ୍ତରେ ଆସିବେ । ଏଥିପାଇଁ ତାଙ୍କୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆମନ୍ତ୍ରଣ କରିଥିଲେ । ଡୋମିନିକାନ ରିପବ୍ଲିକ ଉପରାଷ୍ଟ୍ରପତିଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ । ଦୁଇଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କ ୨୫ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ୧୯୯୯ ମସିହା ମେ' ମାସ ୪ ତାରିଖରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହୋଇଥିଲା । ତାଙ୍କର ଏହି ଗସ୍ତ ସମୟରେ ଶ୍ରୀମତୀ ରୋଡ୍ରିଗେଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିବେ ।

## ଏସିଆନ ଗେମ୍ସ

ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ଭାରତ ଆଜି ୩ଟି ବ୍ରୋଞ୍ଜ ପଦକ ହାସଲ କରିଛି । ଭାରତର ମହିଳା ଓ ପୁରୁଷ ସ୍ପିଡ୍ ସ୍କେଟିଙ୍ଗ ଟିମ୍ ଦୁଇଟି ବ୍ରୋଞ୍ଜ ପଦକ ପାଇଥିବାବେଳେ ମହିଳା ଟେବୁଲଟେନିସ୍ ଟିମ୍ ଗୋଟିଏ ବ୍ରୋଞ୍ଜ ପଦକ ପାଇଛି । ଭାରତୀୟ ମହିଳା ସ୍କେଟିଙ୍ଗ ଟିମ୍‌ରେ ସଞ୍ଜନା

ଭାଟୁକା, କାର୍ତ୍ତିକା ଜଗଦୀଶ୍ୱରନ୍, ହୀରାଲ ସାଧୁ ଓ ଆରତ୍ ଜୁ କସ୍ତୁରୀ ୩ହଜାର ମିଟର ସ୍କେଟିଙ୍ଗ ରିଲେ ଟିମ୍ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଭାରତର ପୁରୁଷ ଟିମ୍‌ରେ ଆର୍ଯ୍ୟାନ ପାଲ୍, ଆନନ୍ଦ କୁମାର, ସିଦ୍ଧାନ୍ତ ଓ ବିକ୍ରମ ମଧ୍ୟ ଫାଇନାଲରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ଭାରତୀୟ ଟେବୁଲ ଟେନିସ୍ ପ୍ରତିଯୋଗୀ ଐହିକା ମୁଖାର୍ଜୀ ଓ ସୁତୀର୍ଥା ମୁଖାର୍ଜୀ ମହିଳା ଡବଲ୍ସ ଟୁର୍ଣ୍ଣାମେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଭାରତର କବାଡି ପ୍ରତିଯୋଗତା ମଧ୍ୟ ଆଜି ଆରମ୍ଭ ହୋଇଛି । ଭାରତୀୟ ମହିଳା ଟିମ୍ ଚୀନ୍ ତାଇପେଇ ବିପକ୍ଷରେ ପ୍ରତିଯୋଗିତାରେ ଭାଗ ନେଇଛି । ଇତିମଧ୍ୟରେ ଭାରତୀୟ ପୁରୁଷ କବାଡି ଟିମ୍ ଆସନ୍ତାକାଲି ବାଙ୍ଗଲାଦେଶ ବିପକ୍ଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ।

ବ୍ୟାଡମିଣ୍ଟନରେ ଭାରତର ସାଇ ପ୍ରତୀକ ଓ ତନିଶା କ୍ରାଷ୍ଟୋ ମିକ୍ସଡ୍ ଡବଲ୍ସ ପ୍ରତିଯୋଗିତାରେ ମାକାଓ ଚୀନ୍‌ର ଲିୟଙ୍ଗ ଲୋକ ଚୋଙ୍ଗ ଓ ଅଙ୍ଗ ଓ୍ୱେଙ୍ଗ ଚିଙ୍କୁ ପରାସ୍ତ କରିଛନ୍ତି । ସ୍କ୍ୱାସ୍‌ରେ ଭାରତର ମିକ୍ସଡ୍ ଡବଲ୍ସ ଯୋଡ଼ି ଅନାହତ ସିଂହ ଓ ଅଭୟ ସିଂହ ଥାଇଲାଣ୍ଡ ଯୋଡ଼ିକୁ ୧୧-୪ ଓ ୧୧-୬ରେ ପୁଲ୍-ଏ ମ୍ୟାଚ୍‌ରେ ପରାସ୍ତ କରିଛନ୍ତି ।